# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**26 November - 2024**

**News Editor : Tapan Maharana**

*********************************

## ମୁଖ୍ୟ ସମ୍ବାଦ

- ଦେଶ ପାଳନ କରୁଛି ୭୫ତମ ସମ୍ବିଧାନ ଦିବସ ।

  - ସମ୍ବିଧାନ ଦେଶର ଏକ ସକ୍ରିୟ ଏବଂ ପ୍ରଗତିଶୀଳ ଦସ୍ତାବିଜ : କହିଲେ ରାଷ୍ଟ୍ରପତି ।

- ସପ୍ତଦଶ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠାରୁ ହେଲା ଆରମ୍ଭ ।

- ଆସନ୍ତା ବର୍ଷ ମାର୍ଚ୍ଚ ମାସ ୭ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଆବେଦନ ଗ୍ରହଣ କରାଯିବ ।

ଏବଂ

- ଓଡ଼ିଶାର ଖାଲିପଡ଼ିଥିବା ଏକମାତ୍ର ରାଜ୍ୟସଭା ଆସନ ଲାଗି ଆସନ୍ତା ମାସ ୨୦ ତାରିଖରେ ଭୋଟ ନିଆଯିବ ।

*Desk*

## ରାଜ୍ୟସଭା ଆସନ

ଓଡ଼ିଶାର ଏକମାତ୍ର ଖାଲିପଡ଼ିଥିବା ରାଜ୍ୟସଭା ଆସନ ଲାଗି ଆସନ୍ତା ମାସ ୨୦ ତାରିଖରେ ଭୋଟ ହେବ। ଭାରତର ନିର୍ବାଚନ କମିଶନଙ୍କ ସୂଚନାନୁସାରେ ଆସନ୍ତା ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ୧୦ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରଖାଯାଇଛି। ସୂଚନାଯୋଗ୍ୟ ବିଜେଡ଼ି ସାଂସଦ ସୁଜିତ କୁମାର ତାଙ୍କର ରାଜ୍ୟସଭା ପଦରୁ ଇସ୍ତଫା ଦେବାପରେ ଏହି ଆସନ ପାଇଁ ନିର୍ବାଚନ କରାଯାଉଛି। ଓଡ଼ିଶା ସମେତ ୪ଟି ରାଜ୍ୟର ୬ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ।

*Desk*

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତି ପାଇଁ ଆବେଦନ କରିବାର ସମୟସୀମା ରାଜ୍ୟ ସରକାର ଧାର୍ଯ୍ୟ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ପ୍ରଥମ ପର୍ଯ୍ୟାୟ କିସ୍ତି ପାଇବା ପାଇଁ ଆସନ୍ତା ବର୍ଷ ମାର୍ଚ୍ଚମାସ ୭ ତାରିଖ ଶେଷ ଦିନ ରଖାଯାଇଛି। ସୂଚନାଯୋଗ୍ୟ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ତିନୋଟି ପର୍ଯ୍ୟାୟରେ ସରକାର ପ୍ରାୟ ୮୦ ଲକ୍ଷ ହିତାଧିକାରୀଙ୍କୁ ଆର୍ଥିକ ସାହାଯ୍ୟ ବଣ୍ଟନ କରିଛନ୍ତି।

ସୂଚନାଯୋଗ୍ୟ ବର୍ତ୍ତମାନ ସୁଦ୍ଧା ୧ କୋଟି ୪୬ ଲକ୍ଷ ମହିଳା ସୁଭଦ୍ରା ଯୋଜନାରୁ ଆର୍ଥିକ ସହାୟତା ପାଇବା ପାଇଁ ଆବେଦନ କରିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି ଯେ ମାର୍ଚ୍ଚ ମାସ ୮ ତାରିଖ ମହିଳା ଦିବସରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଦିଆଯିବ। ବଣ୍ଡାଘାଟିରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ପାଖରେ ଆର୍ଥିକ ସାହାଯ୍ୟ ପହଞ୍ଚିପାରୁ ନ ଥିବା ପରିପ୍ରେକ୍ଷୀରେ ଶ୍ରୀମତୀ ପରିଡ଼ା କହିଛନ୍ତି, ସରକାରଙ୍କ ତରଫରୁ ସମସ୍ତଙ୍କୁ ସାହାଯ୍ୟ ଦେବାନେଇ ପଦକ୍ଷେପ ନିଆଯାଉଛି।

***BBSR***

## ବିଧାନସଭା

ସପ୍ତଦଶ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆଜି ଆରମ୍ଭ ହୋଇଛି। ସ୍ୱାଭାବିକ ବାତାବରଣ ମଧ୍ୟରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଦିବଙ୍ଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିବା ସହ ପରଲୋକଗତ ସଦସ୍ୟମାନଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇ(ଏମ୍)

ନେତା ଲକ୍ଷ୍ମଣ ମୁଣ୍ଡା ଏବଂ ବାଚସ୍ପତି ଶ୍ରୀମତୀ ପାଢୀ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳର ସଦସ୍ୟମାନେ ଅନାହାରରେ ଆମ୍ବ ଟାକୁଆ ଜନିତ ମୃତ୍ୟୁ ଘଟଣାର ପ୍ରତିବାଦରେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ ଗୃହର ମଧ୍ୟଭାଗକୁ ଆସିବାରୁ ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ୧୧ଟା ୩୦ରୁ ୧୨.୨୫ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ପୁଣିଥରେ ଗୃହକାର୍ଯ୍ୟ ଆରମ୍ଭ ହେବାପରେ ପରିସ୍ଥିତିରେ ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

*HS*

## ସମ୍ବିଧାନ ଦିବସ-ମୁଖ୍ୟମନ୍ତ୍ରୀ

ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ନିଜର ମୌଳିକ କର୍ତ୍ତବ୍ୟକୁ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ । ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଡକ୍ଟର ବାବାସାହେବ ଭୀମରାଓ ଅମ୍ବେଦକରଙ୍କ ଭୁବନେଶ୍ୱର ଏଜି ଛକରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ  ଉପସ୍ଥିତ ଜନସାଧାରଣଙ୍କୁ ସମ୍ବିଧାନର ମୁଖବନ୍ଧକୁ ପାଠ କରାଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏଜି ଛକ ଠାରୁ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ପ୍ରାୟ ଏକ ହଜାରରୁ ଅଧିକ ଲୋକ ଏକ ପଦଯାତ୍ରାରେ ସାମିଲ ହୋଇ 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ସ୍ଲୋଗାନ ଦେଇଥିଲେ । କ୍ୟାପିଟାଲ ହସ୍ପିଟାଲଠାରେ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ସଫେଇ କାର୍ଯ୍ୟରେ ଯୋଗ ଦେଇଥିଲେ ।

***HS***

## ରାଜ୍ୟପାଳଙ୍କ ଶୁଭକାମନା

ସମ୍ବିଧାନ ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ବିଶ୍ୱର ସବୁଠୁ ବଡ ଗଣତନ୍ତ୍ର ଭାରତକୁ ସମ୍ବିଧାନ ଏକତା ସୂତ୍ରରେ ବାନ୍ଧିରଖିଛି । ଭାରତୀୟ ସମ୍ବିଧାନ ହେଉଛି ଗଣତନ୍ତ୍ରର ଆତ୍ମା ବୋଲି ରାଜ୍ୟପାଳ କହିଛନ୍ତି ।

***Desk***

# ସିଜେଆଇ-କନ୍‌ଷ୍ଟିଚ୍ୟୁସନ ଡେ

୭୫ତମ ସମ୍ବିଧାନ ଦିବସ ଅବସରରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା କହିଛନ୍ତି ଭାରତ ଏକ ସକ୍ରିୟ ଗଣତନ୍ତ୍ର ଭାବରେ ଉଭା ହୋଇଛି। ଦେଶର ଗଣତନ୍ତ୍ରକୁ ମଜଭୁତ୍ କରିବାରେ ସମ୍ବିଧାନ ସାହାଯ୍ୟ କରିଛି । ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସମାରୋହକୁ ସମ୍ବୋଧିତ କରି ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ଭାରତୀୟ ଗଣତନ୍ତ୍ରର ଭୂମିକା ଉପରେ ଆଲୋଚନା କରିଥିଲେ।

***Desk***

# ପିଏମ୍-କନ୍‌ଷ୍ଟିଚ୍ୟୁସନ ଡେ

ଭାରତୀୟ ସମ୍ବିଧାନର ୭୫ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ସମ୍ବିଧାନ ହେଉଛି ଦେଶର ମାର୍ଗଦର୍ଶକ। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସମ୍ବିଧାନ ହେଉଛି ଏକ ଦେଶର ହଜାର ହଜାର ବର୍ଷର ମହାନ ପରମ୍ପରାର ଆଧୁନିକ ଅଭିବ୍ୟକ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ଦେଶ ଏହାର ସଂପୂର୍ଣ୍ଣ ସାମର୍ଥ୍ୟ ସହିତ

ଅଗ୍ରସର ହେଉଛି ଓ ଏହାର ବିବିଧତାକୁ ନେଇ ଭାରତବାସୀ ଗର୍ବ ଅନୁଭବ କରୁଛନ୍ତି।

***Desk***

# ପ୍ରେଜ୍-କନ୍ଷ୍ଟିଚ୍ୟୁସନ ଡେ

ଭାରତର ସମ୍ବିଧାନ ଏକ ସକ୍ରିୟ ଏବଂ ପ୍ରଗତିଶୀଳ ଦସ୍ତାବିଜ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସମ୍ବିଧାନ ଦିବସ ଉପଲକ୍ଷେ ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ସମ୍ବିଧାନ ଜରିଆରେ ଦେଶ ସାମାଜିକ ନ୍ୟାୟ ଏବଂ ସମାବେଶୀ ବିକାଶ ଲକ୍ଷ୍ୟ ହାସଲ କରିଛି । ଶ୍ରୀମତୀ ମୁର୍ମୁ କହିଛନ୍ତି ସମାଜର ସବୁ ବର୍ଗ ବିଶେଷକରି ଦୁର୍ବଳ ବର୍ଗଙ୍କ କଲ୍ୟାଣ ପାଇଁ ସରକାର ବିଗତ ବର୍ଷଗୁଡ଼ିକରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି।

# - V/O -

ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି, ଆଜିର ଦିନ ଏକ ଐତିହାସିକ ମାଇଲ୍ ଖୁଣ୍ଟ। ବିଶ୍ୱର ସର୍ବବୃହତ ଏବଂ ସକ୍ରିୟ ଗଣତନ୍ତ୍ର ପାଇଁ  ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଦେଶର ଅର୍ଥନୈତିକ ଅଭିବୃଦ୍ଧି, ସୁଦୃଢ଼ ଭିତ୍ତିଭୂମି ଓ ବ୍ୟାପକ ଡିଜିଟାଲ୍ ବ୍ୟବସ୍ଥା ଆନ୍ତର୍ଜାତିକ କ୍ଷେତ୍ରରେ

ସ୍ୱୀକୃତି ପ୍ରଦାନ କରିଛି । ଏହି ସଫଳତା ପ୍ରମାଣ କରୁଛି ଯେ ଆମ ସମ୍ବିଧାନ ଭାରତୀୟ ଗଣତନ୍ତ୍ରକୁ ପ୍ରଭାବଶାଳୀ କରିଛି । ସମ୍ବିଧାନର ମୂଳ ମୂଲ୍ୟବୋଧ ଉପରେ ପ୍ରତିଫଳନ କରିବା ଏବଂ ଏହାର ପ୍ରତିବଦ୍ଧତାକୁ ଦୋହରାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଭାରତୀୟ ସମ୍ବିଧାନ ହେଉଛି ଭାରତୀୟଙ୍କ ବର୍ଷବର୍ଷର ତପସ୍ୟା, ତ୍ୟାଗ ଏବଂ ଶକ୍ତିର ଫଳସ୍ୱରୂପ । ଦେଶର ଭୌଗୋଳିକ ଓ ସାମାଜିକ ବିବିଧତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ପ୍ରାୟ ୩ ବର୍ଷର କଠିନ ପରିଶ୍ରମ ପରେ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା । ଆଜି ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ସମ୍ବିଧାନ ଏକ ପ୍ରେରଣାପୂର୍ଣ୍ଣ ଶକ୍ତି ପ୍ରମାଣିତ ହୋଇଛି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଏକ ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି ।

ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀଗଣ, ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ନେତା, ସାଂସଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

***Desk***

# କନ୍ଷ୍ଟିଚ୍ୟୁସନ୍ ଡେ

ଦେଶ ଆଜି ସମ୍ବିଧାନ ଦିବସ ପାଳନ କରୁଛି। ଭାରତୀୟ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ଉପଲକ୍ଷେ ଆଜିଠାରୁ ଦେଶରେ ଏକବର୍ଷ ବ୍ୟାପି ଉତ୍ସବ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ସଭା, ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ଏହା ୧୯୫୦ ଜାନୁଆରୀ ୨୬ ତାରିଖରେ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ସମ୍ବିଧାନ ଡ୍ରାଫ୍ଟିଙ୍ଗ୍ କମିଟିର ଅଧ୍ୟକ୍ଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏହି ଦିବସ ପାଳନ କରିବାକୁ ୨୦୧୫ ମସିହାରେ ତତ୍କାଳୀନ ଏନ୍‌ଡିଏ ସରକାର  ନିଷ୍ପତ୍ତି ନେଇଥିଲେ। ଏହି ଐତିହାସିକ ଦସ୍ତାବିଜ ପ୍ରସ୍ତୁତ କରିବା ଲାଗି ସମ୍ବିଧାନ ସଭାକୁ ୨ବର୍ଷ ୧୧ ମାସ ୧୭ ଦିନ ସମୟ ଲାଗିଥିଲା।

ଭାରତୀୟ ସମ୍ବିଧାନ ଦେଶକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଘୋଷଣା କରିଛି। ଏହାର ନାଗରିକମାନଙ୍କୁ ନ୍ୟାୟ, ସମାନତା ଏବଂ ସ୍ୱାଧୀନତାର ପ୍ରତିଶ୍ରୁତି ଦେବା ସହ ଭାଇଚାରାକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରିଛି।

***Cuttack***

## ବୀରେନ୍ ମିତ୍ର ଜୟନ୍ତୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ରଥୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କର ୧୦୭ତମ ଜୟନ୍ତୀ ଆଜି କଟକରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ ମିତ୍ରଙ୍କ ସ୍ମୃତିଚାରଣ କରିଥିଲେ ।

***Desk***

## ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆଜି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କେନ୍ଦ୍ର ସଂଚାର ବ୍ୟୁରୋ (ସିବିସି) ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ସିବିସି ତଥା ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଛନ୍ତି, ସମ୍ବିଧାନ ଗଣତନ୍ତ୍ରକୁ ବୁଝିବାର ସୁଯୋଗ ପ୍ରଦାନ କରିଥାଏ । ସ୍ୱାଧୀନତା ଓ ଦାୟିତ୍ୱ ଭିତରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ରହିଛି । ସମ୍ବିଧାନ ଏହି ସମନ୍ୱୟ ରକ୍ଷା କରିବାରେ ସାହାଯ୍ୟ କରିଥାଏ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଅନ୍ୟତମ ଅତିଥି ତଥା ସିବିସି ଭୁବନେଶ୍ୱରର ନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାସ କହିଛନ୍ତି ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱଭାବ ଉପରେ ସମ୍ବିଧାନ

ଗୁରୁତ୍ୱ ପ୍ରଦାନ କରିଥାଏ । କାର୍ଯ୍ୟକ୍ରମ ଆରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ବିଚିତ୍ରା ପାଣି ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।